# NATIONAL NEWS BULLETIN (ODIA)

## 24 April - 2024

### Mid Bulletin : 1.50 p.m

********************************

## ମୁଖ୍ୟ ସମ୍ବାଦ

- ଏକ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ନିରନ୍ତର ମୌଳିକ ଢ଼ାଞ୍ଚାଗତ କ୍ଷେତ୍ରରେ ପୁଞ୍ଜି ନିବେଶ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  ଆଜି ଡେରାଡୁନ୍‌ଠାରେ  ଭାରତୀୟ ବନସେବା ପ୍ରଶିକ୍ଷଣାର୍ଥୀଙ୍କ ସମ୍ମିଳନୀରେ  ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ  ।
- ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଶେଷ ହେବ ଆଜି ସନ୍ଧ୍ୟାରେ ।
- ଅରୁଣାଚଳ ପ୍ରଦେଶର ପଶ୍ଚିମ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୮ଟି ବୁଥ୍‌ରେ ଚାଲିଥିବା  ପୁନଃ ମତଦାନ ଆଉ କିଛିସମୟ ପରେ ଶେଷ ହେବ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ମୁକାବିଲା ହେବ ।

# ମୋଦି-ଆଇସିଡିଆର୍‌ଆଇ

ଏକ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ନିରନ୍ତର ମୌଳିକ ଢ଼ାଞ୍ଚାଗତ କ୍ଷେତ୍ରରେ ପୁଞ୍ଜି ନିବେଶ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ବିପର୍ଯ୍ୟୟ ମୁକାବିଲା ଦିଗରେ ନିରନ୍ତର ମୌଳିକ ଢ଼ାଞ୍ଚାଗତ ବିକାଶ ଶୀର୍ଷକ ଷଷ୍ଠ ଆନ୍ତର୍ଜାତିକ ସମ୍ମିଳନୀକୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରି ସେ ଏହା କହିଛନ୍ତି ।  ଶ୍ରୀ ମୋଦୀ କହିଛନ୍ତି ବିପର୍ଯ୍ୟୟର କ୍ଷୟକ୍ଷତିର ପରିମାଣ ସାଧାରଣତଃ ନଗଦ ଅର୍ଥ ଆକାରରେ ହିସାବ କରାଯାଇଥାଏ । ମାତ୍ର ଏହାର ପ୍ରକୃତ ପ୍ରଭାବ ବ୍ୟକ୍ତିଗତ, ପାରିବାରିକ ତଥା ଗୋଷ୍ଠୀଗତ କ୍ଷେତ୍ରରେ ଅନୁଭୂତ ହୋଇଥାଏ ।  ବିପର୍ଯ୍ୟୟ ପରିବର୍ତ୍ତୀ ସମୟରେ ପୁନରୁଦ୍ଧାର କାର୍ଯ୍ୟକ୍ରମ ଲାଗି ନୂତନ ମୌଳିକ ଢ଼ାଞ୍ଚାଗତ ପ୍ରକଳ୍ପ ଗୁଡ଼ିକ ଲାଗି ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ବିଶ୍ୱସ୍ତରରେ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଦେଶଗୁଡ଼ିକ ସାମୂହିକ ଭାବେ ନିରନ୍ତର ପ୍ରୟାସ କରିବା  ପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏହି ସମ୍ମିଳନୀ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇ ଆସନ୍ତାକାଲି ଉଦ୍‌ଯାପିତ ହେବ ।

# ଅରୁଣାଚଳ ପ୍ରଦେଶ-ଇଲେକ୍‌ସନ୍

ଅରୁଣାଚଳ ପ୍ରଦେଶର ପଶ୍ଚିମ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୮ଟି ବୁଥ୍‌ରେ ଆଜି ପୁନଃ ମତଦାନ

ହେଉଛି । ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ମତଦାନ ପ୍ରକ୍ରିୟା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଚାଲିବ ।  ବାମେଙ୍ଗ ଏବଂ ନିଆଁପିନ୍ ବିଧାନସଭା ମଣ୍ଡଳୀର ଗୋଟିଏ ଲେଖାଏଁ ବୁଥ୍‌ରେ ଏବଂ ରମଗଙ୍ଗର ୨ଟି ଓ ନାଚ ବିଧାନସଭା ମଣ୍ଡଳୀରେ ୪ଟି ବୁଥ୍‌ରେ ଆଜି ମତଦାନ ହେଉଛି । ଏହିସବୁ ମତଦାନ କେନ୍ଦ୍ରର  ଫର୍ମ ୧୭-ଏ ର ଯାଞ୍ଚ ପ୍ରକ୍ରିୟା  ଆଜିକାର ଭୋଟ୍ ଗ୍ରହଣ ପରେ ତୁରନ୍ତ କରାଯିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଗତ ୧୯ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଅରୁଣାଚଳ ପ୍ରଦେଶର ଦୁଇଟି ଲୋକସଭା ଏବଂ ୫୦ଟି ବିଧାନସଭା ଆସନରେ ମତଗ୍ରହଣ କରାଯାଇଥିଲା । ତେବେ ଏହି ୮ଟି ବୁଥ୍‌ରେ ଗଣ୍ଡଗୋଳ ଘଟିବାରୁ ସେଠାରେ ମତଦାନ ସମ୍ଭବ ହୋଇପାରି ନଥିଲା ।

## ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ   ଆଜି ଡେରାଡୁନ୍‌ର ଫରେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଠାରେ ଭାରତୀୟ ବନସେବା ପ୍ରଶିକ୍ଷଣାର୍ଥୀଙ୍କ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ । ଇନ୍ଦିରା ଗାନ୍ଧୀ ଜାତୀୟ ଫରେଷ୍ଟ ଏକାଡେମୀର ୯୯ ଜଣ ପ୍ରଶିକ୍ଷଣାର୍ଥୀଙ୍କ ସହ ୨ ଜଣ ଟ୍ରେନି ଅଫିସର ସେଠାରେ ପ୍ରଶିକ୍ଷଣ ନେଉଛନ୍ତି । ୨୦୨୨-୨୪ ପାଠ୍ୟକ୍ରମରେ ଭୁଟାନର ୨ ଜଣ ଅଧିକାରୀଙ୍କୁ ଟ୍ରେନି ଅଫିସର

ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହି ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ମଧ୍ୟପ୍ରଦେଶରେ ୧୫ ଜଣ ଏବଂ ଉତ୍ତରାଖଣ୍ଡରେ ୩ ଜଣ ବନବିଭାଗ ଅଧିକାରୀ ଭାବେ ଯୋଗଦେବେ ବୋଲି ଜଣାପଡ଼ିଛି ।

ଏଠାରେ ସୂଚନାଯୋଗ୍ୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗତକାଲିଠାରୁ ଉତ୍ତରାଖଣ୍ଡକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି ।

## ପିଏମ୍-ପଞ୍ଚାୟତିରାଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଚାୟତିରାଜ ଦିବସ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଜନସାଧାରଣଙ୍କୁ ଏକ ଉନ୍ନତମାନର ଜୀବନ ଧାରଣ ଯୋଗାଇଦେବା, ତଥା ଦେଶର ଗ୍ରାମାଞ୍ଚଳକୁ ତୃଣମୂଳସ୍ତରରେ ରୂପାନ୍ତରଣ କରିବା ପ୍ରକ୍ରିୟାରେ କର୍ତ୍ତବ୍ୟରତ ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ଦେଶରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ସହିତ ଜନସାଧାରଣଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ତାଙ୍କ ସରକାର ପ୍ରଚେଷ୍ଟା ଅବ୍ୟାହତ ରଖିବେ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଇଲେକ୍ସନ

ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏହି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅଣାନବେଟି ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ପ୍ରଚାର ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳ ତଥା ପ୍ରାର୍ଥୀଙ୍କ ପକ୍ଷରୁ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ନିର୍ବାଚନୀ ର୍‌ୟାଲି, ଜନସମାବେଶ ରୋଡଶୋ'ମାନ କରାଯାଉଛି । ଏହାଛଡ଼ା  ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହିତ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ରାଜନୈତିକ ଦଳ ଗୁଡ଼ିକର ବରିଷ୍ଠ ନେତା ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭାଗୁଡ଼ିକରେ ଉଦ୍‌ବୋଧନ ଦେଇ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ମାଗୁଛନ୍ତି ।

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଛତିଶଗଡ଼ର ସରଗୁଜା ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅମ୍ବିକାପୁର ସହରରେ ନିର୍ବାଚନ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେ କହିଛନ୍ତି  ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଆତଙ୍କବାଦ ଏବଂ ନକ୍ସଲବାଦକୁ ପ୍ରତିହତ କରିବା ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।  ମାତ୍ର କଂଗ୍ରେସ ଦଳ ଦେଶରେ ହିଂସାକାଣ୍ଡ ଘଟାଉଥିବା ତତ୍ତ୍ୱଗୁଡ଼ିକୁ ସମର୍ଥନ ଦେଉଛି ।   କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଯଦି ଦେଶରେ ଶାସନ କ୍ଷମତାକୁ ଆସେ

ତେବେ ଆତ୍ମନିର୍ଭର ଭାରତ ତଥା ସଶକ୍ତ ଭାରତ ଗଠନ ସମ୍ଭବ ନୁହେଁ । ତେଣୁ ଏଭଳି ସ୍ଥିତିକୁ ଏଡ଼ାଇବା ଲାଗି ଜନସାଧାରଣ ବିଜେପି ସପକ୍ଷରେ ଭୋଟ୍ ଦେବା ଲାଗି ସେ ଅନୁରୋଧ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଅନୁସୂଚିତ ଜାତି ଏବଂ ଜନଜାତି ଲୋକଙ୍କର ସଂରକ୍ଷଣ ହାରକୁ କଂଗ୍ରେସ ହ୍ରାସ କରିବା ଲାଗି ଚେଷ୍ଟା ଚଳାଇ ଆସିଛି । ଧର୍ମ ଭିତ୍ତିରେ ଏହି ସଂରକ୍ଷଣ ଉପଲବ୍ଧ କରାଇବା ଲାଗି କଂଗ୍ରେସ ଚାହୁଁଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

ଗତକାଲି ଶ୍ରୀ ମୋଦୀ ଛତିଶଗଡ଼ର ଚମ୍ପା ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଞ୍ଜଗିରିଠାରେ ନିର୍ବାଚନୀ ସଭାରେ ଭାଷଣ ଦେଇ ଏନ୍‌ଡିଏ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ । ସେହିଭଳି ମହାସମୁଦ ଲୋକସଭା ନିର୍ବାଚନ ମଣ୍ଡଳୀର ଧମ୍‌ତରୀ ସହରରେ ମଧ୍ୟ ଏକ ନିର୍ବାଚନୀ ସଭାରେ ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।  ରାଜସ୍ଥାନର କେତେକ ନିର୍ବାଚନୀ ସଭାରେ ମଧ୍ୟ ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ଆଜି ଭିନ୍ନ ଭିନ୍ନ

ନିର୍ବାଚନୀ ସଭାଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ମଧ୍ୟ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ, ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ ପ୍ରମୁଖ ଭିନ୍ନ ଭିନ୍ନ ନିର୍ବାଚନୀ ସଭାରେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଚଳାଇଛନ୍ତି । ସେହିଭଳି ଅନ୍ୟାନ୍ୟ ପ୍ରମୁଖ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ପକ୍ଷରୁ ମଧ୍ୟ ନିର୍ବାଚନୀ ସଭାଗୁଡ଼ିକର ଆୟୋଜନ କରାଯାଇ ପ୍ରଚାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି ।

## ଆସାମ-ସେକେଣ୍ଡ୍ ଫେଜ ପୋଲ୍

ଆସାମରେ ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ୫ଟି ଆସନ ଲାଗି ମତଦାନ ହେବ । ଏହି ପର୍ଯ୍ୟାୟରେ ମୋଟ୍ ୬୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ୭୭ ଲକ୍ଷରୁ ଅଧିକ ମତଦାତା ଏହି ଅବସରରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ହେମନ୍ତ ବିଶ୍ୱଶର୍ମା ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଡାଲ୍‌ଗାଓଁ ଠାରେ ଅନୁଷ୍ଠିତ ଏକ ର୍‍ୟାଲିରେ ଯୋଗଦେଇ କହିଛନ୍ତି ଚଳିତବର୍ଷ ଆସାମ ସରକାର ବିଭିନ୍ନ ସରକାରୀ ଚାକିରିରେ ପ୍ରାୟ ୫୦ଲକ୍ଷ ଯୁବବର୍ଗଙ୍କୁ ନିଯୁକ୍ତ କରିବେ । ଅନ୍ୟପକ୍ଷରେ ରାଜ୍ୟ ବିଜେପି ସଭାପତି ଭୂପେନ କୁମାର ବୋର୍‌ହା ଆଜି ନାଗାଓଁ ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ଏକ ଜନସଭାରେ ଉଦ୍‌ବୋଧନ ଦେଇଛନ୍ତି । ସେହିଭଳି AIUDF ର ସଭାପତି ବଦ୍ରୁଦ୍ଦିନ୍

ଆଜମଲ୍ ଏବଂ ବୋଡୋଲ୍ୟାଣ୍ଡ୍ ପିପୁଲ୍ସ ପାର୍ଟିର ମୁଖ୍ୟ ହାଗ୍ରାମ ମହିଲାରୀ ଆଜି ପୃଥକ୍ ପୃଥକ୍ ନିର୍ବାଚନୀ ର୍ୟାଲିରେ ଅଂଶ ଗ୍ରହଣ କରିଛନ୍ତି ।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

ଆଗାମୀ ମେ ୭ ତାରିଖରେ ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ହେବ । ଏହି ପର୍ଯ୍ୟାୟରେ ୧ ହଜାର ୩୫୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେଥିମଧ୍ୟରେ ମଧ୍ୟପ୍ରଦେଶର ୨୯-ବେତୁଲ ସଂସଦୀୟ କ୍ଷେତ୍ରରେ ସ୍ଥଗିତ ନିର୍ବାଚନ ପାଇଁ ୮ଜଣ ପ୍ରାର୍ଥୀ ରହିଛନ୍ତି । ସେହିପରି ଗୁଜରାଟର ସୁରତ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଛନ୍ତି । ଏହି ପର୍ଯ୍ୟାୟର ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଚଳିତମାସ ୧୯ ତାରିଖ ଥିବାବେଳେ ଗତ ୨୨ ତାରିଖ ଥିଲା ପ୍ରତ୍ୟାହାର ଶେଷ ତାରିଖ । ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଆସାମ, ବିହାର, ଛତିଶଗଡ଼, ଗୋଆ, ଗୁଜରାଟ, ଜାମ୍ମୁକାଶ୍ମୀର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦାଦ୍ରା ନଗର ହାବେଲୀ ଓ ଡାମନ ଡିଉର ୯୫ଟି ସଂସଦୀୟ କ୍ଷେତ୍ରରେ ମତଦାନ ହେବ ।

ଅନ୍ୟପକ୍ଷରେ ଆସନ୍ତା ମେ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ହେଉଛି

ନାମାଙ୍କନପତ୍ର ଦାଖଲର ଶେଷଦିନ । ୨୬ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ହେବ । ଆସନ୍ତା ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି । ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଜମ୍ମୁ-କଶ୍ମୀର ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୯୬ଟି ଲୋକସଭା ଆସନ ପାଇଁ ମତଦାନ ହେବ ।

## ରାହୁଲ ଗାନ୍ଧୀ

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ତାଙ୍କ ଦଳର ନିର୍ବାଚନୀ ଇସ୍ତାହାର ବିଜେପିକୁ ବିଚଳିତ କରିଦେଇଛି । କଂଗ୍ରେସର ନିର୍ବାଚନୀ ଇସ୍ତାହାର 'ନ୍ୟାୟପତ୍ର' ଜାରି କରାଯାଇଛି । ଚଳିତଥର କଂଗ୍ରେସ ଏହି ଇସ୍ତାହାରରେ ପଞ୍ଚ ନ୍ୟାୟ ଏବଂ ପଚିଶ ଗ୍ୟାରେଣ୍ଟି ଉପରେ ଗୁରୁତ୍ୱାରୋପ କରିଛି । ଜନସାଧାରଣଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଏଭଳି ନିର୍ବାଚନୀ ଇସ୍ତାହାର କଂଗ୍ରେସ ଜାରି କରିଥିବାରୁ ବିଜେପି ଭୟଭୀତ ହୋଇଛି ବୋଲି ଶ୍ରୀ ଗାନ୍ଧୀ କହିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ନୂଆଦିଲ୍ଲୀସ୍ଥିତ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ଠାରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତିକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ନିର୍ଦ୍ଧାରିତ ୨୦ ଓଭରରେ ଚେନ୍ନାଇ ୪ ୱିକେଟ୍ ବିନିମୟରେ ୨୧୦ ରନ୍ ସଂଗ୍ରହ କରିଥିଲା । ଅଧିନାୟକ ଋତୁରାଜ ଗାଇକ୍ୱାଡ୍ ୬୦ଟି ବଲ୍‌ରୁ ୧୦୮ ରନ୍‌ର ଅପରାଜିତ ପାଳି ଖେଳିଥିଲେ । ତେବେ ୨୧୧ ରନ୍‌ର ବିଜୟଲକ୍ଷ୍ୟକୁ ଲକ୍ଷ୍ନୌ ୧୯ଓଭର ୪ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମାର୍କ୍ସ ଷ୍ଟଇନିସ୍ ୧୨୪ ରନ୍‌ର ଅପରାଜିତ ପାଳି ଖେଳି ଦଳକୁ ବିଜୟୀ କରିଥିଲେ । ଷ୍ଟଇନିସ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଏହି ବିଜୟ ସହ ଲକ୍ଷ୍ନୌ ମୋଟ୍ ୧୦ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ଥିବା ବେଳେ ଚେନ୍ନାଇ ୮ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି ।